ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ରାଜ୍ୟର ୩୦ଟି ଜିଲ୍ଲାର ଅଙ୍ଗନବାଡ଼ି କେନ୍ଦ୍ରରେ ଆରମ୍ଭ ହେଲା ଛତୁଆ ବଣ୍ଟନ

ଭୁବନେଶ୍ୱର, ୦୧/୦୯/୨୦୧୯

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ରାଜ୍ୟର ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ, ଗର୍ଭବତୀ ମହିଳା ଏବଂ ପ୍ରସୂତୀ ମା'ମାନଙ୍କୁ ଅତିରିକ୍ତ ପୁଷ୍ଟିସାଧନ କାର୍ଯ୍ୟକ୍ରମରେ ଉନ୍ନତ ମାନର ଛତୁଆ ଯୋଗାଇଦେବା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଦିନରେ ଛତୁଆ ବଣ୍ଟନ କାର୍ଯ୍ୟକ୍ରମ ଆଜି ରାଜ୍ୟର ୩୦ଟି ଜିଲ୍ଲାର ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ଆରମ୍ଭ ହୋଇଛି । ସଂଶୋଧିତ ଗାଇଡ୍ ଲାଇନ୍ ଅନୁସାରେ ପ୍ରତିମାସର ୨୩ ତାରିଖରେ ଛତୁଆ ମିଶ୍ରଣ ଓ ୧ ତାରିଖରେ ହିତାଧିକାରୀମାନଙ୍କୁ ମାତୃ କମିଟି ଓ ଯାଞ୍ଚ କମିଟିର ସଦସ୍ୟ ଏବଂ ଜିଲ୍ଲାସ୍ତରର ଅଧିକାରୀଙ୍କ ଉପସ୍ଥିତିରେ ଛତୁଆ ବଣ୍ଟନ କରାଯିବ । ଏହି କ୍ରମରେ ଆଜି ସାରା ରାଜ୍ୟରେ ଆରମ୍ଭ ହୋଇଥିବା ଛତୁଆ ବଣ୍ଟନ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ରାଜ୍ୟ ସ୍ତରରୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ଜିଲ୍ଲା ଗସ୍ତ କରିଛନ୍ତି । ସେହିଭଳି ଜିଲ୍ଲା ସ୍ତରରେ ମଧ୍ୟ ଜିଲ୍ଲାପାଳମାନେ ନିଜ ନିଜର ଅଧିକାରୀ ଓ କର୍ମଚାରୀଙ୍କୁ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରକୁ ଏହି ଛତୁଆ ବଣ୍ଟନ ପ୍ରକ୍ରିୟାର ସୁପରିଚାଳନାକୁ ନିରୀକ୍ଷଣ କରିବା ପାଇଁ ପଠାଇଛନ୍ତି । ବାଲେଶ୍ୱର, ବରଗଡ଼ ଓ ଗଜପତି ଜିଲ୍ଲାରେ ଜିଲ୍ଲାପାଳମାନେ ଅଙ୍ଗନବାଡ଼ି କେନ୍ଦ୍ରରେ ଉପସ୍ଥିତ ରହି ଛତୁଆ ବଣ୍ଟନ ପ୍ରକ୍ରିୟାକୁ ତଦାରଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ଆଇସିଡିଏସ୍ ସୁପରଭାଇଜରମାନେ ଉପସ୍ଥିତ ରହି ଛତୁଆ ବଣ୍ଟନ ପ୍ରକ୍ରିୟାକୁ ନିରୀକ୍ଷଣ କରିଛନ୍ତି । ୬ ମାସରୁ ୩ ବର୍ଷ ବୟସର ଶିଶୁ, ଗର୍ଭବତୀ ମହିଳା, ପ୍ରସୂତୀ ମା' ଏବଂ ୩ରୁ ୬ ବର୍ଷର ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କୁ ଶୁଖିଲା ଖାଦ୍ୟ ଭାବେ ଛତୁଆ, ଲଡ୍ଡୁ, ଶୁଖିଲା ରେସନ୍ ଓ ଅଣ୍ଡା ଯୋଗାଇ ଦିଆଯାଉଛି ।

ଛତୁଆ ପାଇଁ ଆବଶ୍ୟକୀୟ କଞ୍ଚାମାଲ ସଂଗ୍ରହଠାରୁ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବା, ଛତୁଆର ଗୁଣାତ୍ମକ ମାନ ବଜାୟ ରଖିବା ଏବଂ ଏହି ପ୍ରକ୍ରିୟାରେ ସଂପୃକ୍ତ ଥିବା ସମସ୍ତଙ୍କ ଉତ୍ତରଦାୟିତ୍ୱତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏକ ନିର୍ଦ୍ଦିଷ୍ଟ ଦିନରେ ଛତୁଆ ମିଶ୍ରଣ ଓ ବଣ୍ଟନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ମତପ୍ରକାଶ କରିଛନ୍ତି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ